# NATIONAL NEWS BULLETIN (ODIA)

**30 December- 2025**

**Mid Bulletin : 1.50 p.m.**

## ମୁଖ୍ୟ ସମ୍ବାଦ

- ନୀତି ଆୟୋଗର ପ୍ରମୁଖ ଅର୍ଥନୀତିଜ୍ଞ ଓ ବିଶେଷଜ୍ଞଙ୍କ ସହିତ ପ୍ରଧାନମନ୍ତ୍ରୀଙ୍କ ବଜେଟ ପ୍ରସ୍ତୁତି ସଂକ୍ରାନ୍ତ ବୈଠକ ଜାରି

- ଆସନ୍ତାବର୍ଷ ପଶ୍ଚିମବଙ୍ଗରେ ଦୁଇତୃତୀୟାଂଶ ସଂଖ୍ୟାଗରିଷ୍ଠତା ସହିତ ବିଜେପି ସରକାର ଗଢ଼ିବା ନେଇ ଦୃଢ଼ୋକ୍ତି ପ୍ରକାଶ କରିଛନ୍ତି ସ୍ୱରାଷ୍ଟ୍ରମନ୍ତ୍ରୀ

- ଚଳିତବର୍ଷ ସାଂସ୍କୃତିକ ମୂଲ୍ୟବୋଧକୁ ଜାତୀୟତାର ପରିଚୟ ଭାବେ ସାବ୍ୟସ୍ତ କରିବା ନେଇ ସରକାରଙ୍କ ପକ୍ଷରୁ ଗ୍ରହଣ କରାଯାଇଛି ଅନେକ ପଦକ୍ଷେପ

- ବାଂଲାଦେଶର ପୂର୍ବତନ ପ୍ରଧାନମନ୍ତ୍ରୀ ଖାଲିଦା ଜିଆଙ୍କ ପରଲୋକ

ଏବଂ

- ଭାରତ-ଶ୍ରୀଲଙ୍କା ମହିଳା ଟି-୨୦ କ୍ରିକେଟ୍ ସିରିଜ୍‌ର ଆଜି ତିରୁବନନ୍ତପୁରମ୍‌ଠାରେ ଖେଳାଯିବ ପଞ୍ଚମ ତଥା ଅନ୍ତିମ ମ୍ୟାଚ୍

## ପିଏମ୍-ନୀତି ଆୟୋଗ

ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ ଏବଂ  ନୀତିଆୟୋଗର ପ୍ରମୁଖ ଅର୍ଥନୀତିଜ୍ଞ ଏବଂ ବିଶେଷଜ୍ଞଙ୍କ ମଧ୍ୟରେ  ବଜେଟ୍ ପ୍ରସ୍ତୁତି ନେଇ ବୈଠକରେ ଜାରି ରହିଛି । ଦେଶର ବର୍ତ୍ତମାନର ଅର୍ଥନୈତିକ ପରିସ୍ଥିତି ଏବଂ ଭବିଷ୍ୟତର ପ୍ରାଥମିକତା

ଉପରେ ବିଶେଷଜ୍ଞମାନେ ମତାମତ ଉପସ୍ଥାପନ କରୁଛନ୍ତି । କେନ୍ଦ୍ରୀୟ ବଜେଟ୍ ପ୍ରସ୍ତୁତି ନେଇ ପ୍ରଧାନମନ୍ତ୍ରୀ ଶ୍ରୀ ମୋଦୀ ବିଶେଷଜ୍ଞଙ୍କ ସହ ଅଭିବୃଦ୍ଧି, ଆର୍ଥିକ ସ୍ଥିରତା ଏବଂ ଭବିଷ୍ୟତର ଆହ୍ୱାନ ଗୁଡ଼ିକ ସମ୍ପର୍କରେ ସେମାନଙ୍କ ମତାମତ ଲୋଡ଼ିଛନ୍ତି ।

---

## ଅମିତ ଶାହା–କୋଲକାତା

ଆସନ୍ତାବର୍ଷ ପଶ୍ଚିମବଙ୍ଗରେ ଦୁଇତୃତୀୟାଂଶ ସଂଖ୍ୟାଗରିଷ୍ଠତା ସହ ବିଜେପି ସରକାର ଗଠନ କରିବ ବୋଲି କେନ୍ଦ୍ର ସ୍ୱରାଷ୍ଟ୍ରମନ୍ତ୍ରୀ ଅମିତ ଶାହା କହିଛନ୍ତି । କୋଲକାତାଠାରେ ଗଣମାଧ୍ୟମକୁ ସମ୍ବୋଧିତ କରି ଶ୍ରୀ ଶାହା କହିଛନ୍ତି, ୨୦୧୯ ଲୋକସଭା ନିର୍ବାଚନରେ ପଶ୍ଚିମବଙ୍ଗରେ ବିଜେପି ୪୧ ପ୍ରତିଶତ ଭୋଟ୍ ସହ ୧୮ଟି ଆସନ ପାଇଥିଲା । ୨୦୨୧ ବିଧାନସଭା ନିର୍ବାଚନରେ ଦଳ ୨୧ ପ୍ରତିଶତ ଭୋଟ୍ ସହ ୭୭ଟି ଆସନ ପାଇଥିଲା । ୨୦୧୬ ନିର୍ବାଚନରେ ଯେଉଁ ଦଳ ୩ଟି ଆସନ ପାଇଥିଲା, ୫ ବର୍ଷ ମଧ୍ୟରେ ୭୭ଟି ଆସନ ପାଇପାରିଥିଲା ବୋଲି ଶ୍ରୀ ଶାହା କହିଛନ୍ତି ।

**V/O (Amit Saha)**

ଶ୍ରୀ ଶାହା କହିଛନ୍ତି, ଆଗାମୀ ନିର୍ବାଚନ ପଶ୍ଚିମବଙ୍ଗରୁ ଅନୁପ୍ରବେଶକାରୀଙ୍କୁ ହଟାଇବା ଏବଂ ଅନୁପ୍ରବେଶ ବନ୍ଦ କରିବା ପ୍ରସଙ୍ଗରେ ଲଢ଼ାଯିବ । ବଙ୍ଗଳା ସୀମାରୁ ହେଉଥିବା ଅନୁପ୍ରବେଶ ଜାତୀୟ ସୁରକ୍ଷାର ଏକ ପ୍ରସଙ୍ଗ ବୋଲି ଶ୍ରୀ ଶାହା କହିଛନ୍ତି । ପଶ୍ଚିମବଙ୍ଗରେ ଆଇନଶୃଙ୍ଖଳା ସ୍ଥିତି ବିପର୍ଯ୍ୟସ୍ତ ହୋଇପଡ଼ିଛି । ଅନୁପ୍ରବେଶ ରୋକିବାରେ ମୁଖ୍ୟମନ୍ତ୍ରୀ ମମତା ବାନାର୍ଜୀ ସଂପୂର୍ଣ୍ଣ ବିଫଳ ହୋଇଛନ୍ତି ବୋଲି ଶ୍ରୀ ଶାହା କହିଛନ୍ତି ।

---

# ଇୟର ଏଣ୍ଡର

ଭାରତର ବିକାଶ ଯାତ୍ରାରେ ୨୦୨୫ ଏକ ସ୍ୱତନ୍ତ୍ର ଅଧ୍ୟାୟ ସୃଷ୍ଟି କରିଛି । ବିଭିନ୍ନ ନୀତିକୁ ବାସ୍ତବତାରେ ପରିଣତ କରାଯାଇ ଦେଶର ବିକାଶ କ୍ଷେତ୍ରରେ ଏହାର ଉପଯୋଗିତା ସକାରାତ୍ମକ ପ୍ରଭାବ ପକାଇଛି । ସ୍ୱତନ୍ତ୍ର ସିରିଜ୍ ସଂସ୍କାରର ବର୍ଷରେ ଆସନ୍ତୁ ଜାଣିବା, ଭାରତର ସାଂସ୍କୃତିକ କ୍ଷେତ୍ରରେ ଚଳିତ ବର୍ଷ ଘଟିଥିବା ବିକାଶ ସମ୍ପର୍କରେ ।

ଚଳିତବର୍ଷ ଭାରତ ତାର ସାଂସ୍କୃତିକ ମୂଲ୍ୟବୋଧକୁ ଜାତୀୟତାର ପରିଚୟ ଭାବେ ସାବ୍ୟସ୍ତ କରିବା କ୍ଷେତ୍ରରେ ଅନେକ ଗୁଡ଼ିଏ କାର୍ଯ୍ୟକ୍ରମର ସଫଳ ରୂପାୟନ କରିଥିଲା । ଅଯୋଧ୍ୟାଠାରେ ଶ୍ରୀରାମ ଜନ୍ମଭୂମି ମନ୍ଦିରର ନିର୍ମାଣ କାର୍ଯ୍ୟ ଶେଷ କରିବା ଏବଂ ସେଠାରେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ ଧର୍ମଧ୍ୱଜାର ସ୍ଥାପନ କରିବା ଏକ ସାଂସ୍କୃତିକ ଓ ଐତିହାସିକ ମାଇଲ୍‌ଖୁଣ୍ଟ ଥିଲା । ଚଳିତ ବର୍ଷ ଆଲୋକର ପର୍ବ ଦୀପାବଳିକୁ ୟୁନେସ୍କୋର ସାଂସ୍କୃତିକ ଓ ଐତିହ୍ୟ ତାଲିକାରେ ମାନ୍ୟତା ମିଳିଥିଲା । ଦେଶର ରାଷ୍ଟ୍ରୀୟ ଗୀତ ବନ୍ଦେ ମାତରମର ୧୫୦ ବର୍ଷ ପୂର୍ତ୍ତିର ବର୍ଷେ ବ୍ୟାପି ପାଳନ ଆରମ୍ଭ ହୋଇଥିଲା । ଏଥିରେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ ରାଷ୍ଟ୍ରୀୟ ଗୀତର ଅନନ୍ୟତାକୁ ଆମ ପାଇଁ ପ୍ରେରଣାର ଉତ୍ସ ବୋଲି କହିଥିଲେ ।

**V/O-PM-1**

୧ କୋଟି ୬୦ ଲକ୍ଷରୁ ଅଧିକ ନାଗରିକ ବନ୍ଦେ ମାତରମ୍ ଗାୟନ କରିବା ସହ ଜାତୀୟତା ଆନ୍ଦୋଳନର ଏହି ଐତିହାସିକ ସ୍ମାରକୀକୁ

ଦେଶବ୍ୟାପି ଏକ ଜନଆନ୍ଦୋଳନରେ ପରିଣତ କରିଥିବା ପ୍ରଧାନମନ୍ତ୍ରୀ କହିଥିଲେ ।

ଚଳିତ ବର୍ଷ ପ୍ରୟାଗରାଜ ମହାକୁମ୍ଭରେ ୬୬ କୋଟିରୁ ଅଧିକ ଶ୍ରଦ୍ଧାଳୁ ସେମାନଙ୍କ ଧାର୍ମିକ ପରମ୍ପରା ପାଳନ କରିଥିବା ବେଳେ ସର୍ଦ୍ଦାର ବଲ୍ଲଭ ଭାଇ ପଟେଲଙ୍କ ୧୫୦ତମ ଜନ୍ମ ବାର୍ଷିକୀରେ ରାଷ୍ଟ୍ରୀୟ ଏକତା ଦିବସରେ ସ୍ୱତନ୍ତ୍ର ମୁଦ୍ରା ଏବଂ ଡାକ ଟିକଟ ଉନ୍ମୋଚନ କରାଯାଇଥିଲା । ଚଳିତ ବର୍ଷ ଡକ୍ଟର ଶ୍ୟାମା ପ୍ରସାଦ ମୁଖାର୍ଜୀଙ୍କର ୧୨୫ତମ ଜନ୍ମ ବାର୍ଷିକୀ ମଧ୍ୟ ପାଳନ କରାଯାଇଥିଲା । ୨୦୨୫ ଭାରତୀୟ ସଭ୍ୟତାର ସାଂସ୍କୃତିକ ପ୍ରତିରୂପ ଦେଶର ଏକତ୍ୱ ଭାବକୁ ନିଚ୍ଛକ ଭାବେ ପ୍ରଦର୍ଶନ କରିବାରେ ସଫଳ ହୋଇଥିଲା ।

## ରବି କ୍ରପ୍-ଡିଇସି ଡାଟା

ଦେଶରେ ଚଳିତ ମାସ ସୁଦ୍ଧା ୬୧୪ ଲକ୍ଷ ହେକ୍ଟରରୁ ଅଧିକ ଅଞ୍ଚଳରେ ରବି ଫସଲ କରାଯାଇଥିବା କେନ୍ଦ୍ର ସରକାର କହିଛନ୍ତି । କେନ୍ଦ୍ର କୃଷି ଓ କୃଷକ କଲ୍ୟାଣ ମନ୍ତ୍ରଣାଳୟ ପକ୍ଷରୁ ମିଳିଥିବା ସୂଚନା ଅନୁଯାୟୀ ଗତବର୍ଷ ଏହି ସମୟ ମଧ୍ୟରେ ୧୨୯ ହେକ୍ଟର ଜମିରେ ଡାଲି ଫସଲ କରାଯାଇଥିବା ବେଳେ ଚଳିତ ବର୍ଷ ଏହା ୧୩୩ ଲକ୍ଷ ହେକ୍ଟରକୁ ବୃଦ୍ଧି ପାଇଛି । ଚଳିତ ବର୍ଷ ୪୯ ଦଶମିକ୍ ୬ ଲକ୍ଷ ହେକ୍ଟର ଜମିରେ ଶ୍ରୀଅନ୍ନ ଚାଷ କରାଯାଇଥିବା ବେଳେ ଗତ ବର୍ଷ ୪୮ ଲକ୍ଷ ହେକ୍ଟରରେ ଏହି ଚାଷ କରାଯାଇଥିଲା ।

## ଜିଆ-ଡେଥ୍

ବାଂଲାଦେଶର ପୂର୍ବତନ ପ୍ରଧାନମନ୍ତ୍ରୀ ତଥା ବାଂଲାଦେଶ ନ୍ୟାଶନାଲିଷ୍ଟ ପାର୍ଟି-ବିଏନ୍‌ପି ଅଧ୍ୟକ୍ଷ ଖାଲେଦା ଜିଆଙ୍କର ଆଜି ସକାଳେ ଢ଼ାକାର ଏକ ଡାକ୍ତରଖାନାରେ ୮୦ ବର୍ଷ ବୟସରେ ପରଲୋକ

ହୋଇଛି । ସାମାଜିକ ଗଣମାଧ୍ୟମରେ  ଖାଲିଦା ଜିଆଙ୍କ ମୃତ୍ୟୁ ସଂପର୍କରେ ସୂଚନା ଦେଇଛି  ବିଏନ୍‌ପି କହିଛି, ଦୁଇଥର ପ୍ରଧାନମନ୍ତ୍ରୀ ହୋଇଥିବା ଖାଲିଦା ଜିଆ ଦଶନ୍ଧି ଦଶନ୍ଧି ଧରି ବାଂଲାଦେଶ ରାଜନୀତିରେ ଅନ୍ୟତମ ପ୍ରମୁଖ ବ୍ୟକ୍ତିତ୍ୱ ଥିଲେ । ସେ ବହୁବର୍ଷ ଧରି ବାଂଲାଦେଶ ନ୍ୟାଶନାଲିଷ୍ଟ୍ ପାର୍ଟିର ଅଧ୍ୟକ୍ଷ ଭାବେ କାର୍ଯ୍ୟ କରିଥିଲେ ।

ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ’ ଖାଲିଦା ଜିଆଙ୍କ ମୃତ୍ୟୁରେ ଗଭୀର ଶୋକ ବ୍ୟକ୍ତ କରିଛନ୍ତି । ସାମାଜିକ ଗଣମାଧ୍ୟମରେ ଶ୍ରୀ ମୋଦୀ କହିଛନ୍ତି, ବାଂଲାଦେଶର ପ୍ରଥମ ମହିଳା ପ୍ରଧାନମନ୍ତ୍ରୀ ଭାବେ ଦେଶର ବିକାଶ ତଥା ଭାରତ-ବାଂଲାଦେଶ ସଂପର୍କ ପ୍ରତି ତାଙ୍କର ଗୁରୁତ୍ୱପୂର୍ଣ୍ଣ ଅବଦାନ ସର୍ବଦା ସ୍ମରଣୀୟ ହୋଇ ରହିବ । ଏହି ଅବସରରେ ୨୦୧୫ ମସିହାରେ ତାଙ୍କ ସହ ହୋଇଥିବା ସାକ୍ଷାତକୁ ପ୍ରଧାନମନ୍ତ୍ରୀ ସ୍ମରଣ କରିବା ସହ ଖଲିଦା ଜିଆଙ୍କ ଦୂରଦୃଷ୍ଟି ଏବଂ ସୁସଂପର୍କ ପରମ୍ପରା ଦୁଇଦେଶ ମଧ୍ୟରେ ଭାଗିଦାରୀର ମାର୍ଗଦର୍ଶନ ଜାରି ରଖିବ ବୋଲି ଆଶା ବ୍ୟକ୍ତ କରିଛନ୍ତି ।

---

## ସିଭିଲ୍ ଆଭିଏସନ୍-ଧ୍ରୁବ

କେନ୍ଦ୍ର ବେସାମରିକ ବିମାନ ଚଳାଚଳ ମନ୍ତ୍ରୀ ରାମମୋହନ ନାଇଡୁ ଆଜି ବେଙ୍ଗାଲୁରୁରେ ହିନ୍ଦୁସ୍ତାନ ଏରୋନେଟିକ୍ ଲିମିଟେଡ୍-ହାଲ୍‌ର ହେଲିକପ୍ଟର ଡିଭିଜନରେ ଧ୍ରୁବ ଏନ୍‌ଜି ସିଭିଲ୍ ଭାରିଆଣ୍ଟ୍ ହେଲିକପ୍ଟର ଉଡ଼ାଣକୁ ଶୁଭାରମ୍ଭ କରିଛନ୍ତି । ସ୍ୱଦେଶୀ ଶକ୍ତି ଇଞ୍ଜିନ୍ ପାଇଁ ବେସାମରିକ ବିମାନ ଚଳାଚଳ ନିର୍ଦ୍ଦେଶାଳୟ-ଡିଜିସିଏରୁ ଏହି ହେଲିକପ୍ଟରକୁ ବେସାମରିକ ପ୍ରମାଣପତ୍ର ମିଳିଛି ।

ଏହି ଅବସରରେ ମନ୍ତ୍ରୀ କହିଛନ୍ତି, ଧ୍ରୁବ ର ଏହି ସଂସ୍କରଣ ବେସାମରିକ ବିମାନ ଚଳାଚଳ କ୍ଷେତ୍ରରେ ଆତ୍ମନିର୍ଭର ଭାରତକୁ ଏକ ବଡ଼ ପ୍ରୋତ୍ସାହନ ଯୋଗାଇବ । ବିଏସ୍ଏଫ୍ ଏବଂ କର୍ଣ୍ଣାଟକ ରାଜ୍ୟ ସରକାରଙ୍କ ସମେତ ପବନ ହଂସ ଧ୍ରୁବ ଏନ୍‌ଜି ହାସଲ କରିବା ଲାଗି ଆଗ୍ରହ ପ୍ରକାଶ କରିଛନ୍ତି । ହେଲିକପ୍ଟର ଜରିଆରେ ଆଞ୍ଚଳିକ ସଂଯୋଗକୁ ପ୍ରୋତ୍ସାହନ ଦେବା ଲାଗି ସରକାର ପଦକ୍ଷେପ ନେଉଛନ୍ତି । ଦେଶରେ ବେସାମରିକ ହେଲିକପ୍ଟର ନିର୍ମାଣରେ ହାଲ୍ ଗୁରୁତ୍ୱପୂର୍ଣ୍ଣ ଭୂମିକା ନିଭାଇ ପାରିବ ବୋଲି ମନ୍ତ୍ରୀ ଆଶା ବ୍ୟକ୍ତ କରିଥିଲେ ।

## ଉତ୍ତରାଖଣ୍ଡ-ବସ୍ ଆକ୍ସିଡେଣ୍ଟ

ଉତ୍ତରାଖଣ୍ଡର ଆଲମୋରା ଜିଲ୍ଲାର ବିନାୟକ ଅଞ୍ଚଳରେ ଆଜି ଏକ ବସ୍ ଦୁର୍ଘଟଣାରେ ୬ ଜଣଙ୍କର ମୃତ୍ୟୁ ଘଟିଛି । ରାଜ୍ୟ ବିପର୍ଯ୍ୟୟ ପ୍ରଶମନ ବଳର ସୂଚନା ଅନୁଯାୟୀ, ବସ୍‌ଟି ୧୮ ଜଣ ଯାତ୍ରୀଙ୍କୁ ନେଇ ଭିକିୟାସେନ ରୁ ରାମନଗର ଅଭିମୁଖେ ଯାଉଥିବା ବେଳେ ଦୁର୍ଘଟଣଗ୍ରସ୍ତ ହୋଇଥିଲା । ଦୁର୍ଘଟଣାର ଖବର ପାଇ ପ୍ରଶାସନ ଓ ଉଦ୍ଧାରକାରୀ ଦଳ ପହଞ୍ଚି ଆହତମାନଙ୍କୁ ଭିକିୟାସେନ ସରକାରୀ ଡାକ୍ତରଖାନାରେ ଚିକିତ୍ସା ପାଇଁ ଭର୍ତ୍ତି କରିଥିଲେ ।

ଆଲ୍‌ମୋରା ବସ୍ ଦୁର୍ଘଟଣାରେ ପ୍ରାଣ ହରାଇଥିବା ବ୍ୟକ୍ତିଙ୍କ ପାଇଁ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ ଶୋକ ପ୍ରକାଶ କରିଛନ୍ତି । ଏକ ସାମାଜିକ ଗଣମାଧ୍ୟମରେ ପ୍ରଧାନମନ୍ତ୍ରୀ ଘଟଣାକୁ ଅତ୍ୟନ୍ତ ଦୁଃଖଦାୟକ ବୋଲି ବର୍ଣ୍ଣନା କରିବା ସହ ଆହତମାନଙ୍କର ଆଶୁ ଆରୋଗ୍ୟ କାମନା କରିଛନ୍ତି ।

# ଶିବରାଜ-ଜିରାମଜି

କୃଷି ଏବଂ କୃଷକ କଲ୍ୟାଣ ମନ୍ତ୍ରୀ ଶିବରାଜ ସିଂ ଚୌହାନ କହିଛନ୍ତି, ସଂସଦରେ ବିକଶିତ ଭାରତ- ରୋଜଗାର ପାଇଁ ଗ୍ୟାରେଣ୍ଟି ଏବଂ ଜୀବିକା ମିଶନ ଗ୍ରାମୀଣ ବିକାଶ ଭାରତ-ଜିରାମଜି ଗୃହୀତ ହୋଇଛି । ବର୍ତ୍ତମାନର ଆବଶ୍ୟକତାକୁ ଦୃଷ୍ଟିରେ ରଖି ଏବଂ ପୂର୍ବ ମନରେଗା ଯୋଜନାର ତ୍ରୁଟିଗୁଡ଼ିକୁ ଦୂର କରିବା ପାଇଁ ଏହି ବିଲ୍ ଅଣାଯାଇଥିଲା । ଭୋପାଳଠାରେ ଏକ ସାମ୍ବାଦିକ ସମ୍ମିଳନୀରେ ଗଣମାଧ୍ୟମକୁ ସମ୍ବୋଧିତ କରି ଯୋଜନାର ନାମ ପରିବର୍ତ୍ତନ ନେଇ ବିରୋଧୀଙ୍କ ଅଭିଯୋଗ ଉପରେ ମନ୍ତ୍ରୀ ଶ୍ରୀ ଚୌହାନ କହିଛନ୍ତି, ଅତୀତରେ ମଧ୍ୟ ବିରୋଧୀଦଳମାନେ କ୍ଷମତାରେ ଥିବାବେଳେ ନିଯୁକ୍ତି ସମ୍ବନ୍ଧୀୟ ଯୋଜନାର ନାମ ଅନେକଥର ପରିବର୍ତ୍ତନ କରାଯାଇଥିଲା । ବିକଶିତ ଭାରତ ରୋଜଗାର ପାଇଁ ଗ୍ୟାରେଣ୍ଟି ଏବଂ ଆଜିବିକା ଗ୍ରାମୀଣ ମିଶନକୁ ପ୍ରଧାନମନ୍ତ୍ରୀଙ୍କ ଗତିଶକ୍ତି ପଦକ୍ଷେପ ସହିତ ଯୋଡ଼ି ଦିଆଯାଇଛି, ଯାହା ଦ୍ୱାରା ଏହାକୁ ଅଧିକ ଫଳପ୍ରଦ କରାଯାଇ ପାରିବ । ଏହି ମିଶନରେ ବେକାରୀ ଭତ୍ତା ପାଇଁ ଏକ ସ୍ୱଷ୍ଟ ବ୍ୟବସ୍ଥା ରହିଛି ଏବଂ ଏହି ଆଇନ ଅଧୀନରେ ଆବଶ୍ୟକ ଆର୍ଥିକ ବ୍ୟବସ୍ଥାକୁ ସୁନିଶ୍ଚିତ କରାଯାଇଛି ବୋଲି ମନ୍ତ୍ରୀ କହିଛନ୍ତି ।

**V/O (Shivraj)**

ବିରୋଧୀଙ୍କୁ ସମାଲୋଚନା କରି ମନ୍ତ୍ରୀ କହିଛନ୍ତି, ଲୋକସଭାରେ ଏହି ବିଲ୍ ଉପରେ ୮ ଘଣ୍ଟାରୁ ଅଧିକ ସମୟ ଧରି ବିସ୍ତୃତ ବିତର୍କ ହୋଇଥିଲା । କିନ୍ତୁ ବିରୋଧୀ ସାଂସଦମାନେ ତାଙ୍କ ପ୍ରତିକ୍ରିୟା ନ ଶୁଣି କେବଳ ହଙ୍ଗାମା ସୃଷ୍ଟି କରିଥିଲେ । ଆଲୋଚନା ସମୟରେ ସଂସଦର ମର୍ଯ୍ୟାଦାକୁ ବିରୋଧୀମାନେ ନଷ୍ଟ

କରିଛନ୍ତି । ରାଜ୍ୟ ବିଧାନସଭାରେ ବିକଶିତ ଭାରତ ରୋଜଗାର ପାଇଁ ଗ୍ୟାରେଣ୍ଟି ଏବଂ ଆଜୀବିକା ଗ୍ରାମୀଣ ମିଶନ ବିରୁଦ୍ଧରେ ପଞ୍ଜାବ ସରକାରଙ୍କ ଦ୍ୱାରା ଅଣାଯାଉଥିବା ପ୍ରସ୍ତାବ ଦେଶର ସଂଘୀୟ ଢାଞ୍ଚା ବିରୋଧୀ ବୋଲି ମନ୍ତ୍ରୀ କହିଛନ୍ତି ।

## ସାଇକ୍ଲୋନ୍-ଅଷ୍ଟ୍ରେଲିଆ

ପଶ୍ଚିମ ଅଷ୍ଟ୍ରେଲିଆର ଉତ୍ତର ଉପକୂଳ ଆଡ଼କୁ ଗତି କରୁଥିବା ଗ୍ରୀଷ୍ମମଣ୍ଡଳୀୟ ଘୂର୍ଣ୍ଣିଝଡ଼ **ହେଲି** ଶକ୍ତି ବୃଦ୍ଧି କରି ଚତୁର୍ଥ ଶ୍ରେଣୀର ଝଡ଼ରେ ପରିଣତ ହୋଇଛି । ଅଷ୍ଟ୍ରେଲିଆ ପାଣିପାଗର ସୂଚନା ଅନୁଯାୟୀ ଏହି ଘୂର୍ଣ୍ଣିଝଡ଼ ଆଜି କିମ୍ବରଲି ଅଞ୍ଚଳରେ ପ୍ରଭାବ ପକାଇ ପାରେ। ପୂର୍ବାନୁମାନ ଅନୁଯାୟୀ, ଘଣ୍ଟା ପ୍ରତି ୧୭୦ କିଲୋମିଟର ପର୍ଯ୍ୟନ୍ତ ବେଗରେ ଅତ୍ୟନ୍ତ ଭୀଷଣ ପବନ ବହିବାର ଆଶଙ୍କା ଥିବାରୁ ଡର୍ବି ସମେତ କିମ୍ବରଲି ଅଞ୍ଚଳରେ ସତର୍କ ସୂଚନା ଜାରି କରାଯାଇଛି ।

## କ୍ରିକେଟ୍

ଟି-ଟ୍ୱେଣ୍ଟି ଆନ୍ତର୍ଜାତିକ ମହିଳା କ୍ରିକେଟ୍ ସିରିଜ୍‌ରେ ଆଜି କେରଳର ଥିରୁବନନ୍ତପୁରମ୍ ସ୍ଥିତ ଗ୍ରୀନ୍ ଫିଲ୍ଡ ଆନ୍ତର୍ଜାତିକ ଷ୍ଟାଡିୟମ୍‌ରେ ପଞ୍ଚମ ତଥା ଅନ୍ତିମ ଟି-ଟ୍ୱେଣ୍ଟି ମ୍ୟାଚ୍ ଭାରତ ଓ ଶ୍ରୀଲଙ୍କା ମଧ୍ୟରେ ଖେଳାଯିବ । ଭାରତୀୟ ସମୟ ସନ୍ଧ୍ୟା ୭ଟାରେ ମ୍ୟାଚ୍ ଆରମ୍ଭ ହେବ । ପୂର୍ବରୁ ଖେଳାଯାଇଥିବା ୪ଟି ମ୍ୟାଚ୍‌ରେ ଭାରତ ବିଜୟ ହାସଲ କରିଛି । ଗତ ରବିବାର ଅନୁଷ୍ଠିତ ମ୍ୟାଚ୍‌ରେ ଭାରତ ୩୦ରନ୍‌ରେ ଶ୍ରୀଲଙ୍କାକୁ ପରାସ୍ତ କରିଥିଲା ।

## ହକି ଇଣ୍ଡିଆ ଲିଗ୍

ମହିଳା ହିରୋ ହକି ଲିଗ୍ ସିଜିନ୍‌ର ପ୍ରଥମ ମ୍ୟାଚ୍‌ରେ ଗତକାଲି ରାଞ୍ଚିର ମାରାଙ୍ଗ ଗୋମକେ ଜୟପାଲ ସିଂହ ମୁଣ୍ଡା ଆଷ୍ଟ୍ରୋଟର୍ଫ୍ ଷ୍ଟାଡିୟମ୍‌ରେ ଅନୁଷ୍ଠିତ ମ୍ୟାଚ୍‌ରେ ସ୍ରାଚି ବେଙ୍ଗଲ ଟାଇଗର୍ସ ୧-୦ ଗୋଲ୍‌ରେ ଜେ.ଏସ୍.ଡବ୍ଲ୍ୟୁ. ସୁରୁମା ହକି କ୍ଲବ୍‌କୁ

ପରାସ୍ତ କରିଛି । ସ୍ରାଚି ବେଙ୍ଗଲ ଟାଇଗର୍ସ୍‌ର ଅଗଷ୍ଟିନା  ଗୋର୍ଜେଲାନି ଖେଳର ୧୧ ମିନିଟ୍ ସମୟରେ ଗୋଲ୍ ଦେଇଥିଲେ । ହିରୋ ହକି ଇଣ୍ଡିଆ ଲିଗ୍‌ର ସମସ୍ତ ମ୍ୟାଚ୍ ଦୂରଦର୍ଶନର ସ୍ପୋର୍ଟସ୍ ଚ୍ୟାନେଲ୍ ଏବଂ ୱେବ୍ସ ଓ ହକି ଇଣ୍ଡିଆ ଲିଗ୍ ୟୁଟ୍ୟୁବ୍ ଚ୍ୟାନେଲ୍‌ରେ ସିଧା ପ୍ରସାରଣ ବ୍ୟବସ୍ଥା କରାଯାଇଛି ।

---

# କେରଳ ଫ୍ଲୁ

କେରଳର ଆଲାପୁଝା ଜିଲ୍ଲାରେ ଦେଖାଦେଇଥିବା ଏଭିଆନ୍ ଫ୍ଲୁ ସ୍ଥିତିକୁ ନିୟନ୍ତ୍ରଣକୁ ଆଣିବା ପାଇଁ କଠୋର ପଦକ୍ଷେପ ନିଆଯାଇଛି । ପୁଣେର ନ୍ୟାଶନାଲ୍ ଇନ୍‌ଷ୍ଟିଚ୍ୟୁଟ୍ ଅଫ୍ ଭାଇରୋଲୋଜିକୁ ନମୁନା ପଠାଯିବା ପରେ ଜିଲ୍ଲା ପ୍ରଶାସନ ପକ୍ଷରୁ ଏକ ଜରୁରୀ ବୈଠକ ଡକାଯାଇଥିଲା ।  ଫ୍ଲୁ ଦେଖାଦେଇଥିବା ସ୍ଥାନର ଏକକିଲୋମିଟର ବ୍ୟାସାର୍ଦ୍ଧ ମଧ୍ୟରେ ଥିବା କୁକୁଡ଼ାମାନଙ୍କୁ ମାରିବା ପାଇଁ ନିର୍ଦ୍ଦେଶ ଦିଆଯାଇଛି । ପ୍ରତିଷେଧମୂଳକ ପଦକ୍ଷେପ ସ୍ୱରୂପ ଗତ ୨ ଦିନ ମଧ୍ୟରେ ପ୍ରାୟ ୨୮ ହଜାର ପକ୍ଷୀଙ୍କୁ ମାରିଦିଆଯାଇଛି । ପ୍ରଭାବିତ ଅଞ୍ଚଳର ୧୦ କିଲୋମିଟର ବ୍ୟାସାର୍ଦ୍ଧ ମଧ୍ୟରେ କୁକୁଡ଼ା ଉତ୍ପାଦ ବିକ୍ରୟ ଓ ବ୍ୟବହାର ଉପରେ ପ୍ରତିବନ୍ଧକ ଲଗାଯାଇଥିବା ଅଲାପୁଝା ଜିଲ୍ଲାପାଳ ଘୋଷଣା କରିଛନ୍ତି ।

---